ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୭ ଜାନୁଆରୀ ୨୦୦୭

ସୁଚୟନ ସୁଚୟନ ସୁଚୟନ

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

## ସାକ୍ଷାତକାର



# ମଣିଷ ଓ ମାନବିକତା ଉପରେ ମୁଁ ଅତ୍ୟନ୍ତ ଆସ୍ଥାଶୀଳ

## ମନୋଜ ଦାସ

❐ **ଆପଣ ପ୍ରଥମେ କବିତାରୁ ଲେଖକ ଜୀବନ ଆରମ୍ଭ କରିଥିଲେ । ଏବେ କବିତା ଲେଖା ଛାଡ଼ିଦେଲେ କାହିଁକି ?**

● କିଏ କହିଲେ ମୁଁ କବିତା ଲେଖା ଛାଡ଼ି ଦେଇଛି । ମୁଁ ଏବେ ବି କବିତା ଲେଖୁଛି । ନବମ ଶ୍ରେଣୀରେ ପଢ଼ିବା ବେଳକୁ ମୁଁ କବିତା ଲେଖିଥିଲି । ତେବେ କେତେକ ବକ୍ତବ୍ୟ କେବଳ ଗଳ୍ପରେ ହିଁ କହହେବ । କବିତାର ପ୍ରକୃତି ରହସ୍ୟବାଦୀ (ମିଷ୍ଟିକ୍) । ସେଥିରେ ପୁଙ୍ଖାନୁପୁଙ୍ଖ ଛଳନା କବିତାରେ ପଶିଗଲା । ଏ ପ୍ରକାରର କବିତା ଭଲ ଲାଗେ ନାହିଁ । ଗପରେ ଛଳନା ପଶିବାର ଅବକାଶ ନାହିଁ ।

❐ **ଆପଣ ଛାତ୍ର ନେତା ଭାବେ ଇଣ୍ଡୋନେସିଆ ଯାଇଥିବା ବେଳେ ସେଠାରେ ଆପଣଙ୍କ ଜୀବନ ଉପରେ ଆକ୍ରମଣ ହୋଇଥିବା ଶୁଣିଛୁ । ଏକଥା କ'ଣ ସତ ?**

● ହଁ, ସତ । ୧୯୫୬ ବେଳକୁ ମୋ ନାଁରେ ଗୁଡ଼ାଏ କେଶ୍ ହୋଇଯାଇଥାଏ । ମାତ୍ର ହୁମାୟୁନ କବୀର ହସ୍ତକ୍ଷେପ କରି ମୋତେ ରକ୍ଷା କରିଦେଇଥାଆନ୍ତି । ମୁଁ କମ୍ୟୁନିଷ୍ଟ ପାର୍ଟିର କାର୍ଡ଼ ହୋଲ୍ଡର ଥିଲି । ସେତେବେଳେ ଆମେମାନେ ଷ୍ଟାଲିନ୍‌ଙ୍କୁ ସମର୍ଥନ କରୁଥିଲୁ । ମାତ୍ର ଷ୍ଟାଲିନଙ୍କ ମୃତ୍ୟୁ ପରେ କମ୍ୟୁନିଷ୍ଟ ପାର୍ଟିର ବିଂଶତମ ଅଧିବେଶନରେ ଯେତେବେଳେ କ୍ରୁଶ୍ଚେଭ୍ ଷ୍ଟାଲିନ୍‌ଙ୍କୁ କଠୋର ସମାଲୋଚନା କରିବା ସଙ୍ଗେ ସଙ୍ଗେ ତାଙ୍କର ସମର୍ଥନକାରୀଙ୍କୁ ନିନ୍ଦା କଲେ, ସେତେବେଳେ ଆମର ଅବସ୍ଥା ବିପଦାପନ୍ନ ହୋଇପଡ଼ିଲା । ଇଣ୍ଡୋନେସିଆରେ ଭାରତୀୟ ବୈଦେଶିକ ନୀତି କ'ଣ ହେବା ଉଚିତ- ଏ ନେଇ ଅନୁଷ୍ଠିତ ଏକ ସମ୍ମେଳନରେ ଯୋଗଦେବାକୁ ଆମେ ଯାଇଥାଉ । ଆମେ ଥାଉ ତିନିଜଣ । ସେଦିନ ଥାଏ ଶନିବାର । ଜାକର୍ତ୍ତାର ବାଙ୍କୁରରେ ଥାଉ । ଆମେ ଯୋଉ ହୋଟେଲ୍‌ରେ ରହିଥାଉ, ସେହି ହୋଟେଲ ପାଖରେ ବୋମା ବିସ୍ଫୋରଣ ହେବାର ଶବ୍ଦ ଶୁଣିଲୁ । ତା'ପରେ ମୁଁ ଆମ ବଙ୍ଗଳାର ଲାଇଟ୍ ଲିଭେଇଦେଲି । ହୋଟେଲ୍‌ର ବଙ୍ଗଳାଗୁଡ଼ିକ ଅଲଗା ଅଲଗା । ସେପଟୁ ଆସିଲେ ପ୍ରଥମ ତିନିଟିରେ ଲୋକ ରହୁ ଥାଆନ୍ତି । ଚତୁର୍ଥ ବଙ୍ଗଳା ଖାଲିଥାଏ । ପଞ୍ଚମଟିରେ ଆମେ ରହୁଥିଲେ ବି ତାକୁ ଅନ୍ଧକାର କରିଦେବାରୁ ଏପଟେ କେହି ନାହାନ୍ତି ବୋଲି ଧାରଣା ସୃଷ୍ଟି ହେଲା । ଆମେ ଅନ୍ଧାରରେ ଦେଖୁଛୁ, ହୋଟେଲର ମୁଖ୍ୟ ବାରନ୍ଦାରେ ବନ୍ଧୁକ ଧରି କେତୋଟି ଲୋକ ଟହଲ ମାରୁଛନ୍ତି । ସେମାନେ ଅନ୍ଧ ପରି ଏପଟ ସେପଟ ହେଲେ ଓ କେତେକ ରାଉଣ୍ଡ ଫାୟାରିଂ କରି ଚାଲିଗଲେ । ସକାଳୁ ଆମେ ଖବରକାଗଜରୁ ପଢ଼ିଲୁ, ସେମାନେ ହୋଟେଲରେ ରହୁଥିବା ତିନିଜଣ କମ୍ୟୁନିଷ୍ଟ ନେତାଙ୍କୁ ଖୋଜୁଥିଲେ । ସେ ରାତିର ସ୍ମୃତି ଭୁଲି ହେବ ନାହିଁ ।

❐ **ଆପଣଙ୍କ କମ୍ୟୁନିଷ୍ଟ ଜୀବନ ଆପଣଙ୍କ ସାହିତ୍ୟକୁ କିଛି ପ୍ରଭାବିତ କରିଛି କି ?**

● ବହୁତ ପ୍ରଭାବିତ କରିଛି । ଟିପିକାଲ୍ କମ୍ୟୁନିଷ୍ଟମାନଙ୍କ ଦୃଷ୍ଟିରେ ସାହିତ୍ୟର ଉଦ୍ଭଟ ଚେହେରା କଥା ମୁଁ ଶୁଣିଛି । ମୁଁ ସେହି ସମୟରେ ଗୋଟିଏ ଗପ ଲେଖିଥିଲି, ତା'ର ନାଁ ଥିଲା- 'ନାରାୟଣ ମିଶ୍ରର ସ୍ୱପ୍ନ' । ମୋର ଜଣେ କମ୍ୟୁନିଷ୍ଟ ବନ୍ଧୁ ତାହା ଦେଖି କହିଲେ, "ହେ ମନୋଜ ! ଏଗୁଡ଼ା କ'ଣ ? ଏ ସ୍ୱପ୍ନ କଥାଗୁଡ଼ା ବୁର୍ଜୁଆ ଚିନ୍ତାଧାରା । କମ୍ୟୁନିଷ୍ଟକୁ ସ୍ୱପ୍ନ ଦେଖିବା ମନା ।" ମୁଁ ସେ ଗପଟିକୁ ସାଙ୍ଗେ ସାଙ୍ଗେ ନଷ୍ଟ କରିଦେଲି । ତା'ପରେ 'ସମୁଦ୍ରର କ୍ଷୁଧା', 'ଜୀବନର ସ୍ୱାଦ' ଲେଖିଲି । ଏ ଗପଗୁଡ଼ିକରେ ମୋର ସେହି ସମୟର ଜୀବନର ପ୍ରଭାବ ରହିଛି ।

❐ **ଶ୍ରୀ ଅରବିନ୍ଦଙ୍କ ଦର୍ଶନ ପ୍ରତି କିପରି ଆକୃଷ୍ଟ ହେଲେ ?**

● ମୋ ସାହିତ୍ୟ ଧାରଣା (ଆଇଡିଓଲଜି)କୁ ଅନେକ ବାର ଅତିକ୍ରମ କରିଯାଇଛି । ମୋର ଗପ 'ଆରଣ୍ୟକ' ଆପଣ ପଢ଼ିଥାଇପାରନ୍ତି । ସେଥିରେ ମୁଁ ସେଇ ଶକ୍ତିମାନଙ୍କର କଥା ଉଲ୍ଲେଖ କରିଛି ଯୋଉମାନେ ମାନବିକତା ବିରୁଦ୍ଧରେ ଷଡ଼ଯନ୍ତ୍ର କରୁଛନ୍ତି । ମଣିଷ ଖରାପ ନୁହେଁ, ସେଇ ଅପଶକ୍ତିଗୁଡ଼ିକ ହିଁ ମାନବିକତାର ଶତ୍ରୁ । ଶ୍ରୀ ଅରବିନ୍ଦ ଏଇ କଥା କହିଛନ୍ତି । ମୁଁ ଯେତେବେଳେ ମୋ ମନରେ ମୁଣ୍ଡ ଟେକିଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଶ୍ରୀ ଅରବିନ୍ଦଙ୍କ ଦର୍ଶନ ଭିତରେ ପାଇଲି ସେତେବେଳେ ମୁଁ ଏଥିପ୍ରତି ଆକୃଷ୍ଟ ହେଲି ।

❐ **ଶ୍ରୀଅରବିନ୍ଦ ଆଶ୍ରମକୁ ଆସିବା ପରେ ଆପଣ ଲେଖିଥିବା ପ୍ରଥମ ଗପଟି କ'ଣ ?**

● 'ଅପହୃତ ଟୋପିର ରହସ୍ୟ' ।

❐ **ଶ୍ରୀ ଅରବିନ୍ଦ ଆଶ୍ରମରେ ଆପଣଙ୍କର ରହଣି ଓ ଅଧ୍ୟାପନା ଆପଣଙ୍କ ଲେଖକ ଜୀବନକୁ କେଉଁଭଳି ଭାବରେ ପ୍ରଭାବିତ କରିଛି ?**

● ଶ୍ରୀ ଅରବିନ୍ଦ ହିଁ ମୋର ଇଂରାଜୀ ଭାଷାର ଗୁରୁ । ପଢୁଥିବା ବେଳେ ମୋର ପାଠରେ ବେଶି ଆଗ୍ରହ ନଥିଲା । ଆନ୍ଦୋଳନ, ସଂଗଠନ ଓ ସଂପାଦନାରେ ବେଶି ଆଗ୍ରହ ଥିଲା । ଏଠିକି ଆସିବା ପରେ ମୋର ଇଂରାଜୀ ଭାଷାର ଦକ୍ଷତା ବୃଦ୍ଧି ପାଇଁ ମୁଁ ଶ୍ରୀ ଅରବିନ୍ଦଙ୍କୁ ଅଧିକରୁ ଅଧିକ ପଢ଼ିଲି । ଶ୍ରୀ ଅରବିନ୍ଦଙ୍କ ଦର୍ଶନରୁ ଜୀବନର ବ୍ୟାପକତା, ଆଧ୍ୟାତ୍ମିକ ଦୃଷ୍ଟିଭଙ୍ଗୀ, ସତ୍ୟର ବିଭିନ୍ନ ସ୍ତର ଓ ଚେତନାର ବିଭିନ୍ନ ସ୍ତର ସମ୍ପର୍କରେ ମୁଁ ଶିକ୍ଷାଲାଭ କରିଛି ।

❐ **ଆପଣ ଏତେ ପ୍ରକାରର ଚରିତ୍ର ଓ ଏତେ ଗୁଡ଼ିଏ କାହାଣୀର ଉପାଦାନ ପାଆନ୍ତି କିପରି ? ପଣ୍ଡିଚେରୀ ତ ଛୋଟ ଜାଗାଟିଏ ?**

● ପର୍ଯ୍ୟବେକ୍ଷଣରୁ । ମୁଁ ବହୁତ ବୁଲାବୁଲି କରେ । ବାହାରକୁ ମଧ୍ୟ ଯାଏ । ପର୍ଯ୍ୟଟନ ଓ ପର୍ଯ୍ୟବେକ୍ଷଣ ମୋତେ ଚରିତ୍ର ଓ କାହାଣୀମାନଙ୍କ ପାଖେ ପହଞ୍ଚେଇଦିଏ ।

❐ **ଏଇ ଅବସ୍ଥାରୁ ଆଗାମୀ ଶତାବ୍ଦୀର ମଣିଷ ସମାଜ ପାଇଁ ଆପଣ କିଭଳି ସମ୍ଭାବନା ବା ଆଶଙ୍କା ଦେଖୁଛନ୍ତି ?**

● ତିନିଟି ସମ୍ଭାବନା । ପ୍ରଥମ ... ଏକବିଂଶ ଶତାବ୍ଦୀ ବିଂଶ ଶତାବ୍ଦୀର ସଂପ୍ରସାରିତ ସମୟ ଖଣ୍ଡ ହୋଇପାରେ । ଦ୍ୱିତୀୟ: ଏହାଠୁ ଖରାପ ହୋଇପାରେ । ତୃତୀୟ: ଖୁବ୍ ଗୋଟାଏ ବଡ଼ ପରିବର୍ତ୍ତନ ହେବ ଓ ପରିସ୍ଥିତିରେ ପରିବର୍ତ୍ତନ ଘଟି ମଣିଷ ସମାଜ ବିକଶିତ ହେବ । ଏଇ ସମ୍ଭାବନା ପାଇଁ ଦୁଇଟି କାରଣ ଦାୟୀ ହେବ । ପ୍ରଥମ: ମଣିଷର ସଂକଳ୍ପ ଓ ଦ୍ୱିତୀୟ ଆଧ୍ୟାତ୍ମିକ ଶକ୍ତିର ହସ୍ତକ୍ଷେପ । ମଣିଷ ଓ ମାନବିକତା ଉପରେ ମୁଁ ଅତ୍ୟନ୍ତ ଆସ୍ଥାଶୀଳ । (ଦଶ ବର୍ଷ ତଳର ଏ ସାକ୍ଷାତକାରଟି 'କଥାବାର୍ତ୍ତା' ପୁସ୍ତକରୁ ଗୃହୀତ ଏବଂ ଏଥିପାଇଁ ଗୌରହରି ଦାସଙ୍କ ଠାରେ କୃତଜ୍ଞ )